# NATIONAL NEWS BULLETIN (ODIA)

## 19th October - 2025

## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ବିହାର ବିଧାନସଭା ଏବଂ ଅନ୍ୟ ରାଜ୍ୟର ୮ଟି ବିଧାନସଭା ଉପନିର୍ବାଚନ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କଲେ ନିର୍ବାଚନ କମିଶନ ।

- ୨୬ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରଦୀପ ପ୍ରଜ୍ୱଳନ ସହ ଉତ୍ତର ପ୍ରଦେଶର ଅଯୋଧ୍ୟାଠାରେ ଅନୁଷ୍ଠିତ ହେଉଛି ଭବ୍ୟ ଦୀପୋତ୍ସବ ।

- ଫାସ୍‌ଟ୍ୟାଗ୍ ବାର୍ଷିକ ପାସ୍ ବ୍ୟବସ୍ଥାରେ ୨ ମାସ ମଧ୍ୟରେ ସାମିଲ୍ ହୋଇଛନ୍ତି ୨୫ ଲକ୍ଷ ଉପଭୋକ୍ତା ।

- ବିଶ୍ୱ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ୍‌ସିପ୍ ପ୍ରତିଯୋଗିତାରେ ଭାରତର ତନ୍‌ଭୀ ଶର୍ମା' ରନର୍ସଅପ୍ ।

ଏବଂ

- ଆଇ.ସି.ସି. ମହିଳା ବିଶ୍ୱକପ୍ ଦିନିକିଆ କ୍ରିକେଟ୍ ପ୍ରତିଯୋଗିତାର ଆଜିର ମ୍ୟାଚ୍‌ରେ ଭାରତ ସମ୍ମୁଖରେ ୨୮୯ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ଇଂଲଣ୍ଡ ।

## ଇ.ସି.ଆଇ. - ଅବ୍‌ଜରଭର୍ସ

ବିହାର ବିଧାନସଭା ଏବଂ ଅନ୍ୟ ରାଜ୍ୟର ୮ଟି ବିଧାନସଭା ଉପନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ ଏବଂ ନିରପେକ୍ଷ ଭାବେ ପରିଚାଳନା କରିବା ଲକ୍ଷ୍ୟ ନେଇ ତୀକ୍ଷ୍ଣ ନଜର ରଖିବାକୁ ନିର୍ବାଚନ କମିଶନ୍ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କମିଶନ୍ କହିଛନ୍ତି, ବିହାର ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ୧୨୧ ଜଣ ସାଧାରଣ ପର୍ଯ୍ୟବେକ୍ଷକ ଏବଂ ୧୮ ଜଣ ପୁଲିସ୍ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୧୨୨ ଜଣ ସାଧାରଣ ପର୍ଯ୍ୟବେକ୍ଷକ ଏବଂ ୨୦ ଜଣ ପୁଲିସ୍ ପର୍ଯ୍ୟବେକ୍ଷକ ନିୟୋଜିତ ହୋଇଛନ୍ତି । ଅନ୍ୟ ରାଜ୍ୟଗୁଡ଼ିକର ୮ଟି ବିଧାନସଭା ଉପନିର୍ବାଚନ ପାଇଁ ୮ ଜଣ ଲେଖାଏଁ ସାଧାରଣ ଓ ପୁଲିସ୍ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଥିବା କମିଶନ ସୂଚନା ଦେଇଛନ୍ତି । ନିର୍ବାଚନ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କମିଶନ୍ ପର୍ଯ୍ୟବେକ୍ଷକମାନଙ୍କୁ କହିଛନ୍ତି । ରାଜନୈତିକ ଦଳର

ପ୍ରତିନିଧି, ପ୍ରାର୍ଥୀ ଏବଂ ମତଦାତାଙ୍କ ସହ ସମନ୍ୱୟ ରକ୍ଷା କରି ସମୟୋଚିତ ପଦକ୍ଷେପ ଗ୍ରହଣ କରିବାକୁ କମିଶନ ପର୍ଯ୍ୟବେକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି । ମତଦାନ କେନ୍ଦ୍ରଗୁଡ଼ିକ ପରିଦର୍ଶନ କରିବା ସହିତ ମତଦାତାଙ୍କ ସୁବିଧାପାଇଁ ଗ୍ରହଣ କରାଯାଇଥିବା ବ୍ୟବସ୍ଥାଗୁଡ଼ିକର ସଠିକ କାର୍ଯ୍ୟକାରିତା ନିଶ୍ଚିତ କରିବାକୁ କମିଶନ୍ ପର୍ଯ୍ୟବେକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ବିହାର ଇଲେକ୍ସନ ଭିସି

ବିହାରରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନକୁ ଦୃଷ୍ଟିରେ ରଖି ଆୟକର ବିଭାଗ, ରାଜ୍ୟ ପୁଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ କଠୋର ପଦକ୍ଷେପ ନିଆଯାଇଛି । ଚଳିତ ମାସ ୬ ତାରିଖରେ ରାଜ୍ୟରେ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୨ କୋଟି ୭୩ ଲକ୍ଷ ଟଙ୍କା ଜବତ କରାଯାଇସାରିଲାଣି । ସେହିପରି ୨୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମଦ, ୧୬ କୋଟି ୨୧ ଲକ୍ଷ ଟଙ୍କା ମୂଲ୍ୟର ନିଶାଦ୍ରବ୍ୟ ଏବଂ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମୂଲ୍ୟବାନ ଧାତୁ ଜବତ କରାଯାଇଛି । ଭୋଟରମାନଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ପ୍ରକାର ଉପହାର ସାମଗ୍ରୀ ମଧ୍ୟ ଜବତ କରାଯାଇଛି ।

ଗତକାଲି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ନାମାଙ୍କନପତ୍ରଗୁଡ଼ିକର ଯାଞ୍ଚ୍ ପ୍ରକ୍ରିୟା ଶେଷ ହୋଇଥିବାବେଳେ ଆସନ୍ତାକାଲି ହେଉଛି ଦ୍ୱିତୀୟ ପର୍ଯ୍ୟାୟ

ନିର୍ବାଚନ ଲାଗି ପ୍ରାର୍ଥୀପତ୍ର ଦାଖଲର ଅନ୍ତିମ ଦିନ । ଦ୍ୱିତୀୟ ପର୍ଯ୍ୟାୟରେ ୨୦ଟି ଜିଲ୍ଲାର ୧୨୨ଟି ବିଧାନସଭା ଆସନ ନିମନ୍ତେ ଆସନ୍ତାମାସ ୧୧ ତାରିଖ ଦିନ ଭୋଟ୍ ଗ୍ରହଣ ଅନୁଷ୍ଠିତ ହେବ ।

## ଅଯୋଧ୍ୟା ଦୀପୋତ୍ସବ

ଉତ୍ତର ପ୍ରଦେଶର ଅଯୋଧ୍ୟାଠାରେ ଦୀପାବଳିର ଅବ୍ୟବହିତ ପୂର୍ବରୁ ଆଜି ବିରାଟ ଦୀପୋତ୍ସବ ସମାରୋହ ଅନୁଷ୍ଠିତ ହେଉଛି । ରାମ କୀ ପିଢ଼ି ସମେତ ଅଯୋଧ୍ୟାର ୫୬ଟି ଘାଟରେ ୨୬ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଗିନିଜ୍ ବିଶ୍ୱ ରେକର୍ଡ଼ ସୃଷ୍ଟି କରିବା ନିମନ୍ତେ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି । ଚଳିତ ବର୍ଷ ସରଯୁ ନଦୀ କୂଳରେ ୨୧ ଶହ ବେଦାଚାର୍ଯ୍ୟ ମହା ଆରତି କରିବା ସହ ଶ୍ଲୋକ ଗାନର ଆୟୋଜନ କରାଯାଇଛି । ରାଜ୍ୟପାଳ ଆନନ୍ଦିବେନ୍ ପଟେଲ୍, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ଅନ୍ୟାନ୍ୟ ମନ୍ତ୍ରୀ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ।

## ଫାସ୍‌ଟ୍ୟାଗ୍ - ଇୟର୍‌ଲି ପାସ୍

ଦେଶରେ ଫାସ୍‌ଟ୍ୟାଗ୍ ବାର୍ଷିକ ପାସ୍ ବ୍ୟବସ୍ଥା ଶୁଭାରମ୍ଭ ହେବାର ଦୁଇମାସ ମଧ୍ୟରେ ୨୫ ଲକ୍ଷ ଉପଭୋକ୍ତା ସାମିଲ୍ ହୋଇଛନ୍ତି । ଗତ ଅଗଷ୍ଟ ମାସ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ବ୍ୟବସ୍ଥା ମାଧ୍ୟମରେ

ଇତିମଧ୍ୟରେ ରେକର୍ଡ଼ ପରିମାଣ ୫ କୋଟି ୬୭ ଲକ୍ଷ ଟଙ୍କା ସଂଗ୍ରହ ହୋଇଛି । ଜାତୀୟ ରାଜପଥ ବ୍ୟବହାରକାରୀଙ୍କ ଯାତ୍ରାକୁ ଏହା ସୁଗମ କରିବା ସହ ଏଥିପ୍ରତି ଚାହିଦା ବୃଦ୍ଧି ପାଇଛି । ଦେଶର ପ୍ରାୟ ଏକ ହଜାର ୧୫୦ ଟୋଲ୍ ପ୍ଲାଜାକୁ ଏହି ବ୍ୟବସ୍ଥାରେ ସାମିଲ୍ କରାଯାଇଛି । ବାର୍ଷିକ ପାସ୍ ବ୍ୟବସ୍ଥା ମାଧ୍ୟମରେ ଉପଭୋକ୍ତାଙ୍କୁ ୩ ହଜାର ଟଙ୍କା କିମ୍ବା ୨୦୦ ଟୋଲ୍ ପ୍ଲାଜା ଅତିକ୍ରମ ପାଇଁ ଏକକାଳୀନ ଅର୍ଥ ପ୍ରଦାନର ବ୍ୟବସ୍ଥା କରିଥାଏ । ଏହାଦ୍ୱାରା ଫାସ୍‌ଟ୍ୟାଗ୍‌କୁ ବାରମ୍ବାର ରିଚାର୍ଜ କରିବାର ଆବଶ୍ୟକତା ପଡ଼ି ନ ଥାଏ । ରାଜମାର୍ଗ ଯାତ୍ରା ଆପ୍ ମାଧ୍ୟମରେ ଏକକାଳୀନ ଶୁଳ୍କ ପୈଠ ସହିତ ଯାନବାହନ ସହିତ ଲିଙ୍କ୍ ହୋଇଥିବା ଫାସ୍‌ଟ୍ୟାଗ୍‌ରେ ଏହି ବାର୍ଷିକ ପାସ୍ ସକ୍ରିୟ ହେବାର ବ୍ୟବସ୍ଥା ରହିଛି । ଚଳିତ ପାର୍ବଣ ଋତୁରେ ରାଜମାର୍ଗ ଆପ୍ ମାଧ୍ୟମରେ ବାର୍ଷିକ ପାସ୍ ବାବଦରେ ଅର୍ଥ ପୈଠଜନିତ ଉପହାର ପ୍ରଦାନ କରିବାର ବ୍ୟବସ୍ଥା ରହିଛି । ଏହାର ସୁଯୋଗ ନେବାକୁ ସମସ୍ତଙ୍କୁ ଆହ୍ୱାନ କରାଯାଇଛି ।

## ରାଜନାଥ - ପୁଲିସ୍

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆସନ୍ତା ମଙ୍ଗଳବାର ଦିନ ପୁଲିସ ସ୍ମୃତି ଦିବସ ଅବସରରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ପୋଲିସ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି

ଅର୍ପଣ କରିବେ । ୧୯୫୯ ମସିହା ଅକ୍ଟୋବର ୨୧ ତାରିଖରେ ଲଦାଖରେ ଚୀନ୍ ସୈନ୍ୟଙ୍କ ଆକ୍ରମଣରେ ୧୦ ଜଣ ଭାରତୀୟ ପୁଲିସ ସହିଦ ହୋଇଥିଲେ । ସେହିଦିନଠାରୁ ପ୍ରତ୍ୟେକ ବର୍ଷ ପୁଲିସ ସ୍ମୃତି ଦିବସ ପାଳନ କରାଯାଉଛି ।

ସେହିଦିନ ଦିଲ୍ଲୀ ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳ ପକ୍ଷରୁ ଏକ ମିଳିତ ପରେଡ୍ ଅନୁଷ୍ଠିତ ହେବ । କେନ୍ଦ୍ରମନ୍ତ୍ରୀ, କେନ୍ଦ୍ରୀୟ ସୁରକ୍ଷା ବଳ ମୁଖ୍ୟ ଏବଂ କେନ୍ଦ୍ରୀୟ ପୁଲିସ ସଂଗଠନର ମୁଖ୍ୟ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାସୁମନ ଅର୍ପଣ କରିବେ । ଚଳିତମାସ ୨୨ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ପୁଲିସ ସ୍ମାରକୀଠାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## ଦିଓ୍ୱାଲି - ଟ୍ରାଭେଲ୍ ରସ୍

ଦୀପାବଳି ପର୍ବ ପାଇଁ ଯାତ୍ରୀଭିଡ଼କୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ପକ୍ଷରୁ ଦେଶବ୍ୟାପୀ ଶତାଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି । ଉତ୍ତରପ୍ରଦେଶ ଏବଂ ବିହାରରେ ଅତ୍ୟଧିକ ଯାତ୍ରୀଭିଡ଼କୁ ଏଡାଇବା ପାଇଁ ବିଭିନ୍ନ ଲକ୍ଷ୍ୟସ୍ଥଳକୁ ଅନେକଗୁଡ଼ିଏ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯାଇଛି । ସେହିପରି ଚେନ୍ନାଇରେ ପ୍ରାୟ ୧୮ଲକ୍ଷ ଲୋକ ଚଳିତ ସପ୍ତାହରେ ନିଜନିଜ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିବାକୁ ଥିବାରୁ ରେଳବାଇ ପକ୍ଷରୁ ଅନେକଗୁଡ଼ିଏ

ଟ୍ରେନ୍‌ର ଯାତ୍ରା ପରିସର ବୃଦ୍ଧି କରାଯାଇଛି । ତାମିଲନାଡୁ ରାଜ୍ୟପରିବହନ ନିଗମ ପକ୍ଷରୁ ୨୦ହଜାର ସ୍ୱତନ୍ତ୍ର ବସ୍ ବ୍ୟବସ୍ଥା ମଧ୍ୟ କରାଯାଇଛି । ସେହି ବସ୍‌ଗୁଡ଼ିକ ବିଭିନ୍ନ ରେଳଷ୍ଟେସନରୁ ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବ । ତେବେ ଏସବୁ କାର୍ଯ୍ୟର ତଦାରଖ ଲାଗି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆଦିଲ୍ଲୀ ରେଳଷ୍ଟେସନ ପରିଦର୍ଶନ କରିଛନ୍ତି । ସେ କହିଛନ୍ତି, ୭୫ହଜାର ପର୍ଯ୍ୟନ୍ତ ଯାତ୍ରୀ ଚଳାଚଳ ନିମନ୍ତେ ଏହି ରେଳଷ୍ଟେସନର କ୍ଷମତା ବୃଦ୍ଧି କରାଯାଇଛି ।

## ଆୟୁଷ୍ - ଅଷ୍ଟିଓପୋରୋସିସ୍ ଡେ

ଆୟୁଷ୍ ମନ୍ତ୍ରଣାଳୟ ପକ୍ଷରୁ ଅଷ୍ଟିଓପୋରୋସିସ୍ ବା ଅସ୍ଥି କ୍ଷୟକୁ ରୋକିବା ଲାଗି ବୃଦ୍ଧ ଏବଂ ବୟସ୍କ ମହିଳାମାନଙ୍କୁ ଆୟୁର୍ବେଦିକ ପ୍ରତିଷେଧକ ବ୍ୟବସ୍ଥା, ସନ୍ତୁଳିତ ପୁଷ୍ଟିକର ଖାଦ୍ୟ ଏବଂ ଶାରୀରିକ ବ୍ୟାୟାମ ଆବଶ୍ୟକତା ଉପରେ ଜନସାଧାରଣଙ୍କୁ ସଚେତନ କରାଯାଉଛି । ଆସନ୍ତାକାଲି ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆୟୁଷ୍ ମନ୍ତ୍ରଣାଳୟ ପକ୍ଷରୁ ଏପରି ବିବୃତ୍ତି ଜାରି କରାଯାଇଛି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଦୈନିକ ଜୀବନରେ ଶାରୀରିକ ବ୍ୟାୟାମ ଏବଂ ପୁଷ୍ଟିକର ଖାଦ୍ୟ ସେବନଦ୍ୱାରା ହାଡ଼ ଦୃଢ଼ ହେବା ସହ ହାଡ଼ ଭାଙ୍ଗିବା ବିପଦକୁ ହ୍ରାସ କରାଯାଇପାରିବ ।

ଏଥିନିମନ୍ତେ ପ୍ରତିଷେଧକ ବ୍ୟବସ୍ଥା ଏବଂ ଜୀବନଶୈଳୀରେ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଏହା ଏକ ନିରବଜନିତ ରୋଗ କିନ୍ତୁ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ବଡ଼ ଆହ୍ୱାନ । ବିଶ୍ୱରେ ଏହି ରୋଗରେ ବହୁ ସଂଖ୍ୟାରେ ଲୋକ ପୀଡ଼ିତ ବୋଲି ଜଣାଯାଇଛି । ଅଷ୍ଟିଓପୋରୋସିସ୍ ରୋଗ ନିରାକରଣ ନିମନ୍ତେ ସୁସ୍ଥ ଅସ୍ଥି ଏବଂ ଆୟୁର୍ବେଦିକ ସମାଧାନ ପନ୍ଥା ସଂକ୍ରାନ୍ତରେ ସଚେତନତା ସୃଷ୍ଟି କରିବା ଲାଗି ଚଳିତ ବର୍ଷ ଏହି ଦିବସର ଲକ୍ଷ୍ୟ ରଖାଯାଇଛି ।

## ଲେହ - ଫାଇନାନ୍ସିଆଲ୍ ଆସିଷ୍ଟାନ୍ସ

ଲଦାଖ ଉପରାଜ୍ୟପାଳ କବିନ୍ଦର ଗୁପ୍ତା ଭାରତୀୟ ପ୍ରଶାସନିକ ସେବାରେ ନିଯୁକ୍ତି ନିମନ୍ତେ ଆଶାୟୀ ପ୍ରାର୍ଥୀଙ୍କ ଲାଗି ଆର୍ଥିକ ସହାୟତା REWA-2.0 ଯୋଜନାର ଶୁଭାରମ୍ଭ କରିଛନ୍ତି । ଫଳରେ ଆଶାୟୀ ପ୍ରାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷାଗତ କୋଚିଂ ବ୍ୟବସ୍ଥା ଏବଂ ମେଧା ଭିତ୍ତିରେ ବୃତ୍ତି ଯୋଗାଇ ଦିଆଯିବ । କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିଭାବାନ୍ ପ୍ରାର୍ଥୀମାନଙ୍କୁ ଭାରତୀୟ ପ୍ରଶାସନିକ ସେବାରେ ନିଯୁକ୍ତି ନିମନ୍ତେ ଆକୃଷ୍ଟ କରିବା ଲାଗି ଏହି ଯୋଜନାର ଲକ୍ଷ୍ୟ ରହିଛି । ଛାତ୍ରଛାତ୍ରୀମାନେ ସରକାରୀ ଚାକିରି ଏବଂ ଦେଶସେବାରେ ନିଯୁକ୍ତି ନିମନ୍ତେ ଏହି ଯୋଜନା ସହାୟକ ହୋଇପାରିବ ବୋଲି କୁହାଯାଇଛି ।

ଲାଦାଖ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ପକ୍ଷରୁ ଆଗାମୀ UPSC ପରୀକ୍ଷା ନିମନ୍ତେ ପ୍ରତ୍ୟେକ ମେଧାବୀ ଛାତ୍ରଛାତ୍ରୀଙ୍କୁ ୧ ଲକ୍ଷ ୧୮ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ଏହି ଯୋଜନାରେ ଲେହ ଓ କାର୍ଗିଲ୍ ଜିଲ୍ଲାର ମୋଟ୍ ୮୦ ଜଣ ମେଧାବୀ ଛାତ୍ରଛାତ୍ରୀ ସାମିଲ୍ ହୋଇଛନ୍ତି ।

## ଆଫଗାନ-ପାକ୍ ସିଜ୍‌ଫାୟାର୍

ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଦୋହାରେ ଅନୁଷ୍ଠିତ ବୁଝାମଣା ପରେ ତୁରନ୍ତ ଅସ୍ତ୍ରବିରତି ଲାଗି ସମ୍ମତି ପ୍ରକାଶ ପାଇଛି । ଗତକାଲି ଦୋହାରେ କତାର ଏବଂ ତୁର୍କୀର ମଧ୍ୟସ୍ଥତାରେ ଅନୁଷ୍ଠିତ ବୈଠକରେ ଉଭୟ ଦେଶ କିଛିଦିନ ଧରି ସୃଷ୍ଟି ହୋଇଥିବା ସଂଘର୍ଷମୟ ପରିସ୍ଥିତିକୁ ବନ୍ଦ ରଖିବା ଲାଗି ନିଷ୍ପତ୍ତି ନେଇଥିଲେ । ୨୦୨୧ରେ ତାଲିବାନ ଶାସନ ପରେ ପାକିସ୍ତାନ-ଆଫଗାନିସ୍ତାନ ମଧ୍ୟରେ ଘଟିଥିବା ସଂଘର୍ଷ ସବୁଠାରୁ ଭୟଙ୍କର ଥିଲା । ଗତ ଶୁକ୍ରବାର ଦିନ ଆକ୍ରମଣରେ ସୀମା ନିକଟରେ ୭ ଜଣ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୩ ଜଣ ଆହତ ହୋଇଥିଲେ । ପରେ ପାକିସ୍ତାନ ପକ୍ଷରୁ ୨ ହଜାର ୬୦୦ କିଲୋମିଟର ସୀମାରେଖା ଅଞ୍ଚଳରେ ବିମାନ ଆକ୍ରମଣ କରାଯାଇଥିଲା । ଫଳରେ ଆଫଗାନିସ୍ତାନର ୧୭ ଜଣ ନାଗରିକଙ୍କ ସମେତ ୩ ଜଣ କ୍ରିକେଟ୍ ଖେଳାଳିଙ୍କ ମୃତ୍ୟୁ ଘଟିଥିଲା ।

## ବ୍ୟାଡ୍‌ମିଣ୍ଟନ - ତନ୍‌ଭୀ

ଭାରତର ବ୍ୟାଡ୍‌ମିଣ୍ଟନ ଖେଳାଳି ତନ୍‌ଭୀ ଶର୍ମା ଜୁନିୟର୍ ବିଶ୍ୱ ଚାମ୍ପିୟନ୍‌ସିପ୍ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରି ରନର୍ସ ଅପ୍ ହୋଇଛନ୍ତି । ସେ ଫାଇନାଲ୍ ପର୍ଯ୍ୟାୟରେ ଥାଇଲାଣ୍ଡର ଖେଳାଳିଙ୍କଠାରୁ ୭-୧୫, ୧୨-୧୫ ସେଟ୍‌ରେ ପରାଜିତ ହୋଇଛନ୍ତି । ତନ୍‌ଭୀ ଗତକାଲି ସେମିଫାଇନାଲ୍ ମ୍ୟାଚ୍‌ରେ ଚୀନ୍‌ର ଲିୟୁ ସି ୟା'ଙ୍କୁ ୧୫-୧୧ ଓ ୧୫-୯ ସେଟ୍‌ରେ ପରାସ୍ତ କରି ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ ।

## ୱିମେନ୍ କ୍ରିକେଟ୍

ଆଇ.ସି.ସି. ମହିଳା ବିଶ୍ୱକପ୍ ଦିନିକିଆ କ୍ରିକେଟ୍ ପ୍ରତିଯୋଗିତାର ଆଜିର ମ୍ୟାଚ୍‌ରେ ଇଂଲଣ୍ଡ ଭାରତ ସମ୍ମୁଖରେ ୨୮୯ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଇନ୍ଦୋର୍‌ର ହୋଲ୍‌କର କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲା । ନିର୍ଦ୍ଧାରିତ ୫୦ ଓଭର୍‌ରେ ୮ ୱିକେଟ୍ ବିନିମୟରେ ୨୮୮ ରନ୍ ସଂଗ୍ରହ କରିଛି । ଦଳ ପକ୍ଷରୁ ହିଥର୍ ନାଇଟ୍ ୧୦୯ ରନ୍ ଏବଂ ଏମି

ଜୋନ୍‌ସ ୫୬ ରନ୍ ସଂଗ୍ରହ କରିଥିଲେ । ଭାରତ ପକ୍ଷରୁ ଦୀପ୍ତି ଶର୍ମା ସର୍ବାଧିକ ୪ଟି ଏବଂ ଶ୍ରୀଚରଣୀ ୨ଟି ୱିକେଟ୍ ଅକ୍ତିଆର କରିଛନ୍ତି । ଭାରତର ବ୍ୟାଟିଂ ଜାରି ରହିଛି ।

## କ୍ରିକେଟ୍ - ଇଣ୍ଡିଆ-ଅଷ୍ଟ୍ରେଲିଆ

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପର୍ଥଠାରେ ଆଜିଠାରୁ ଆରମ୍ଭ ହୋଇଥିବା ଏକଦିବସୀୟ କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଭାରତକୁ ୭ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ଫିଲ୍‌ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ବର୍ଷା ଯୋଗୁଁ ଖେଳ ୨୬ ଓଭର୍‌ରେ ସୀମିତ ରଖିବା ଲାଗି ନିଷ୍ପତ୍ତି ନିଆଯାଇଥିଲା । ଭାରତ ନିର୍ଦ୍ଧାରିତ ଓଭରରେ ୯ ୱିକେଟ୍ ହରାଇ ୧୩୬ ରନ୍ ସଂଗ୍ରହ କରିଥିଲା । କ୍ୟାପ୍‌ଟେନ୍ ଶୁଭମନ୍ ଗିଲ୍, ରୋହିତ ଶର୍ମା ଏବଂ ବିରାଟ କୋହଲି ଉତ୍ତମ ପ୍ରଦର୍ଶନ କରି ନ ପାରି ପ୍ରଥମ ୧୦ ଓଭର୍‌ରେ ଆଉଟ୍ ହୋଇଯାଇଥିଲେ । ଭାରତର ନିର୍ଦ୍ଧାରିତ ରନ୍ ଜବାବରେ ଅଷ୍ଟ୍ରେଲିଆ ଦଳ ୨୧ ଓଭର୍ ଓ ଗୋଟିଏ ବଲ୍‌ରେ ବିଜୟ ଲକ୍ଷ୍ୟ ପୂରଣ କରିବାକୁ ସମର୍ଥ ହୋଇଥିଲା ।

ତିନି ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୨୩ ତାରିଖରେ ଆଡେଲେଡ୍‌ଠାରେ ଖେଳାଯିବ ।

*****